‘ପେନ୍‌ଡ୍ରାଇଭ’ ଦାଖଲ କରିବାରେ ୪ର୍ଥ ଥର ପାଇଁ ବିଫଳ

# ପୁଲିସ ଉପରେ ଅଦାଲତ କ୍ଷୁବ୍ଧ

ବ୍ରହ୍ମପୁର,୧୩।୪(ସମିସ): ବହୁ ଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ତଥ୍ୟ ପ୍ରଦାନ କରିବାରେ ପୁଲିସ ପୁଣି ବିଫଳ ହୋଇଛି। ୪ର୍ଥ ଥର ପାଇଁ ପୁଲିସ ସ୍ୱଚ୍ଛ ଓ ନିର୍ଭୁଲ ‘ପେନଡ୍ରାଇଭ’ ଦାଖଲ କରିପାରି ନାହିଁ। ଫଳସ୍ୱରୁପ ଆଜି କୋର୍ଟରେ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ପେନଡ୍ରାଇଭକୁ ଅଭିଯୁକ୍ତଙ୍କ ଓକିଲମାନେ ଗ୍ରହଣ କରିବାକୁ ପୁଣି ଅମଙ୍ଗ ହୋଇଛନ୍ତି।

ପୁଲିସ ପକ୍ଷରୁ ଦାଖଲ ହୋଇଥିବା ପେନଡ୍ରାଇଭରେ ଆବଶ୍ୟକ ତଥ୍ୟ ନଥିବା ବେଳେ କେଉଁ ଫାଇଲରେ କଣ ତଥ୍ୟ ରହିଛି ସେନେଇ ସବିଶେଷ ତଥ୍ୟ ବା ଇଣ୍ଡେକ୍ସ ପୁଲିସ ଦେଇନଥଇବାରୁ ତାହାକୁ ପରଖିବା ସମ୍ଭବପର ହୋଇନାହିଁ। କୋର୍ଟରେ ଉକ୍ତ ପେନଡ୍ରାଇଭକୁ ଯାଞ୍ଚ ବେଳେ ସେଥିରେ କେବଳ ବିଇଏମସି ପକ୍ଷରୁ ସହରରେ ଲାଗିଥିବା ସହରର ବିଭିନ୍ନ ଛକର ସିସିଟିଭି ଦୃଶ୍ୟ ଥିବା ବେଳେ ପିତବାସଙ୍କ କିଛି ପୁରୁଣା ବାଇଟ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେ ପୋଷ୍ଟ କରିଥିବା ପୋଷ୍ଟିଂ ସହିତ ବିଜେପି କାର୍ଯ୍ୟାଳୟର କୌଣସି କାର୍ଯ୍ୟକ୍ରମର ଦୃଶ୍ୟ ଥିବା ଦେଖିବାକୁ ମିଳିଥିଲା। ଫାଇଲର ନାମକରଣରେ ମଧ୍ୟ ଭୁଲ ଭଟକା ଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଅଭିଯୁକ୍ତଙ୍କ ଓକିଲମାନେ ଆପତ୍ତି କରିଥିଲେ। ସେପଟେ ପିଣ୍ଟୁ ଦାଶଙ୍କ ଗିରଫକୁ ବେନିୟମ ଦର୍ଶାଇ ତାଙ୍କ ଓକିଲ କୋର୍ଟଙ୍କ ଜରିଆରେ ପିଣ୍ଟୁଙ୍କୁ ତାଙ୍କ ଘରୁ ଉଠାଇ ନେବା ଠାରୁ ତାଙ୍କୁ କୋର୍ଟ ଚାଲାଣ ପର୍ଯ୍ୟନ୍ତ ଘଟଣାକ୍ରମରେ ସିସିଟିଭି ଫୁଟେଜ ଦାବି କରାଯାଇଛି। ଯାହାକୁ ପୁଲିସ ଦେଇନଥିବା ବେଳେ ବିକ୍ରମଙ୍କ ସହିତ ଜନୈକା ମହିଳାଙ୍କ ଫଟୋକୁ ନେଇ ପୁଲିସ ଆଣିଥିବା ଆପତ୍ତି ଓ ଅଭିଯୋଗ ସମ୍ପର୍କିତ ମଧ୍ୟ କୌଣସି ତଥ୍ୟ ବା ଫଟୋ ଉକ୍ତ ପେନଡ୍ରାଇଭରେ ନଥିବା ଜଣାପଡିଛି। ଅପରପକ୍ଷେ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ୩୨ଜିବି କ୍ଷମତା ବିଶିଷ୍ଟ ୧୬ଟି ପେନଡ୍ରୋଇଭ ଯଦିଓ ପୁଲିସ କୋର୍ଟରେ ଦାଖଲ କରିବାକୁ ଆଜି ଆଣିଥିଲା ତାହାକୁ ନେଇ






ଆପତ୍ତି ଉଠିବା ପରେ ପୁଲିସ ତାହାକୁ କୋର୍ଟରେ ଦାଖଲ କରିନପାରି ପୁଣି ସେଗୁଡତିକୁ ଫେରାଇ ନେବାକୁ ବାଧ ହୋଇଥିଲା। ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ କୋର୍ଟଙ୍କ ଜରିଆରେ ମଗାଯାଇଥିବା ସମସ୍ତ ତଥ୍ୟ ଏହି ଗୋଟିଏ ପେନଡ୍ରାଇଭରେ ନଥିବା ଜଣାପଡିଛି। ଘଟଣାରେ ଜବତ ବିଭିନ୍ନ ତଥ୍ୟ ଯାହା ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଫରେନସିକ ପରୀକ୍ଷାଗାରକୁ ପଠାଯାଇଛି ସେଠାରୁ ଆସିବା ପରେ ପୁଲିସ ପୁଣି ଏକ ପେନଡ୍ରାଇଭ କୋର୍ଟରେ ଦାଖଲ କରିବ ବୋଲି ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ପିପିଙ୍କ ଠାରୁ ସୂଚନା ମିଳିଛି। ପିତବାସ ପଣ୍ଡା ହତ୍ୟା ମାମଲାରେ ଆଜି ଦୁଇ ଗିରଫ ଅଭିଯୁକ୍ତ କାଲୁ ଚରଣ ଭୂୟାଁ ଓ ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀଙ୍କ ଜାମୀନ ଆବେଦନ ଉପରେ ଶୁଣାଣି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ହୋଇଥିଲା। ଏହାର ପରବର୍ତ୍ତି ଶୁଣାଣି ଆସନ୍ତା ୨୪ତାରିଖରେ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଉକ୍ତ ଦିନ ୭ଜଣ ଅଭିଯୁକ୍ତଙ୍କ ପକ୍ଷରୁ ଦାଖଲ ହୋଇଥିବା ଡିସଚାର୍ଜ ପିଟିସନରର ଶୁଣାଣି ହେବ ବୋଲି ଜଣାପଡିଛି।

ସେହିଭଳି ପେନଡ୍ରାଇଭ ଦାଖଲ କରିବାରେ ବାରମ୍ବାର ବିଫଳ ହେବାକୁ ନେଇ କୋର୍ଟ କ୍ଷୁବ୍ଧ ହେବା ସହ ଆସନ୍ତା ୨୩ତାରିଖ ସୁଦ୍ଧା ସ୍ୱଚ୍ଛ, ତଥ୍ୟଭିତ୍ତିକ ଓ ନିର୍ଭୁଲ ପେନଡ୍ରାଇଭ ଦାଖଲ କରି ଏହି ନାଟକର ପରିସମାପ୍ତି ଘଟାଇବାକୁ ନିର୍ଦ୍ଦେଶ ଦେଇଥିବା ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ, କୃଷ୍ଣ ପଟ୍ଟନାୟକ, କପିଳେଶ୍ୱର ପଟ୍ଟନାୟକ ଓ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି।

**ପୀତବାସ ପଣ୍ଡା ହତ୍ୟା ମାମଲା**

- **ପେନ୍‌ଡ୍ରାଇଭରେ ନାହିଁ ତଥ୍ୟ ଓ ଇନଡେକ୍ସ, ୨୩ ସୁଦ୍ଧା ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ**
- **୨୪ରେ କାଲୁ ଓ ଯୋଗୀଙ୍କ ଜାମିନ ଆବେଦନ ସହିତ ୭ ଜଣଙ୍କ ଡିସ୍‌ଚାର୍ଜ ପିଟିସନର ଶୁଣାଣି**

# ଚାର୍ଜସିଟ୍ ଦାଖଲରେ ପୁଲିସର ପାତରଅନ୍ତର ନୀତି !

- **ଅଭିଯୁକ୍ତଙ୍କ ଗିରଫର ୯୦ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରିବା ବାଧ୍ୟତାମୂଳକ**
- **ପୁଲିସର ଖାମଖିଆଲି ମନୋଭାବ ଯୋଗୁଁ ଜାମିନରେ ମୁକୁଳୁଛନ୍ତି ଦୁର୍ଦ୍ଦାନ୍ତ ଅପରାଧି**

ବ୍ରହ୍ମପୁର,୧୩।୪(ସମିସ): ଅପରାଧୀଙ୍କ ଘଟଣାରେ ତଦନ୍ତ ଓ ଅପରାଧିଙ୍କୁ ଗିରଫ କରିବାରେ ଏପରିକି ଚାର୍ଜସିଟ ଦାଖଲରେ ପୁଲିସକୁ ମିଳିଛି ଅଖଣ୍ଡ କ୍ଷମତା। ଯାହାକୁ ନେଇ ପୁଲିସ ଅନେକ ସମୟରେ ନିଜର ମନମାନୀ କରୁଥିବା ଅଭିଯୋଗ ହୋଇଛି। ଭାରତୀୟ ନ୍ୟାୟ ସଂହିତା ନିୟମ ବା ଧାରା ପ୍ରକାରେ ଅପରାଧି ଗିରଫ ହେବାର ୯୦ଦିନ ମଧ୍ୟରେ ତଦନ୍ତକାରୀ ପୁଲିସ ଅଧିକାରୀ କୋର୍ଟରେ ଚାର୍ଜସିଟ ଦାଖଲ କରିବା ଜରୁରୀ। ଏହା ନହେଲେ ଆଇନର ଗଳାବାଟ ଦେଖି ଅଭିଯୁକ୍ତମାନେ ଜାମୀନରେ ମୁକୁଳିବାରେ ସୁବିଧା ହେଉଛି। ତେବେ ପୁଲିସର ଏଭଳି ବେପାରୁଆ ମନୋଭାବକୁ ନେଇ ଯଦି ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଅଥବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ଏଭଳି ଘଟଣାର ପୁନରାବୃତ୍ତି ଘଟିନଥାନ୍ତା। କେତେବେଳେ ପୁଲିସ ଅପରାଧିଙ୍କୁ ସୁରକ୍ଷା ଦେଇ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ ଦାଖଲ କରୁନାହିଁ ତ ଆଉ କେତେବେଳେ ମାମଲାକୁ ଦେହକୁ ନେଇ ତରବରିଆ ଭାବେ ପ୍ରାଥମିକ ଚାର୍ଜସିଟ ଦାଖଲ କରି ଫାଇନାଲ ବା ଚୂଡାନ୍ତ ଚାର୍ଜସିଟ ଦାଖଲ ପାଇଁ ମାମଲାର ତଦନ୍ତକୁ ଓପନ ରଖୁଛି। ଏଭଳି ଘଟଣା ଅନେକ ଥିବା ବେଳେ ପିତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଓ ଚାର୍ଜସିଟ ଦାଖଲ ଏକ ଉଦାହରଣ। ସେପଟେ ସେହି ବୈଦ୍ୟନାଥପୁର ଥାନା ଇଲାକାରେ ଗତ ଜାନୁଆରୀ ୧୫ତାରିଖରେ ଅମିତ ମୁଖୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଦେଖିବାକୁ ମିଳିଛି ବ୍ୟତିକ୍ରମ। ଘଟଣାରେ ଗୁରୁତର ଆହତ ଅମିତ ବର୍ତ୍ତମାନ ସୁଦ୍ଧା ଚିକିତ୍ସାଧିନ ଥିବା ବେଳେ ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୪ଜଣ ଏବେବି ଫେରାର ଥିବା ଜଣାପଡିଛି। ତେବେ ଆସନ୍ତା ୧୫ତାରିଖରେ ଘଟଣାରେ ଗିରଫ ୩ଜଣ ଅଭିଯୁକ୍ତଙ୍କ ପାଇଁ ୯୦ ଦିନ ହେବାକୁ ଥିବା ବେଳେ ତଦନ୍ତକାରୀ ପୁଲିସ ଅଧିକାରୀ ଏପର୍ଯ୍ୟନ୍ତ ଚାର୍ଜସିଟ ଦାଖଲ କରିନଥିବା ଅଭିଯୋଗ ହୋଇଛି। ଯାହାର ସୁଯୋଗ ନେଇ ଅଭିଯୁକ୍ତ ଜାମିନ ପାଇବାର ବାଟ ଉନ୍ମୁକ୍ତ ଥିବା ଖୋଦ୍ ଆହତ ଅମିତଙ୍କ ପତ୍ନୀ ତୁଳସୀ ମୁଖୀ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଖସାଇବାକୁ ପୁଲିସ ଉଦ୍ୟମ କରୁଥିବା ତୁଳସୀ ଅଭିଯୋଗ କରିବା ସହିତ ଏହାକୁ ନେଇ ସେ ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି। ଏନେଇ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କ ସହ ଯୋଗାଯୋଗ କରାଯିବାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ପଷ୍ଟ କରିଛନ୍ତି। ଏଥିରେ ବ୍ୟତିକ୍ରମ ଘଟିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

## ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତାଙ୍କୁ ଶୁଭେଚ୍ଛା

ବ୍ରହ୍ମପୁର,୧୩।୪(ସମିସ): ବିଜୁ ଜନତା ଦଳର ସୁପ୍ରିମ ନବୀନ ପଟ୍ଟନାୟକ ଦଳର ରାଜ୍ୟ ସଭା ସଂସଦୀୟ ଦଳ ନେତା ଭାବେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ଉପନେତା ଭାବେ ସାଂସଦ ସୁଲତା ଦେଓଙ୍କ ନାମ ଘୋଷଣା କରିଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲାର ବିଭିନ୍ନ ନେତା ଓ କର୍ମୀ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବ୍ରହ୍ମପୁରର ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ କହିଛନ୍ତି ଯେ, ନବୀନ ବାବୁଙ୍କ ନିଷ୍ପତି ସ୍ୱାଗତଯୋଗ୍ୟ। ଆଗାମୀ ଦିନରେ ଓଡ଼ିଶାର ସ୍ୱାର୍ଥକୁ ଉପସ୍ଥାପିତ କରିବାରେ ଏହି ଦୁଇଜଣ ସାଂସଦ ବଳିଷ୍ଠ ଭୂମିକା ଗ୍ରହଣ କରିବେ। ସେହିଭଳି ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ମଧ୍ୟ ନବୀନ ବାବୁଙ୍କ ନିଷ୍ପତିକୁ ସ୍ୱାଗତ କରି ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମହାମାୟୀ ମହାବିଦ୍ୟାଳୟରେ ପାରମ୍ପରିକ ଖାଦ୍ୟ ମେଳା



ବ୍ରହ୍ମପୁର,୧୩।୪(ସମିସ): ମହାମାୟୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ଏକ ପାରମ୍ପାରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ନିବେଦିତା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଶୁଭାରମ୍ଭ କରିବା ସହ ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଖାଦ୍ୟ ଖାଇ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଧାପିକା, ଅଧାପକ, କର୍ମଚାରୀ ଏବଂ ଛାତ୍ରୀ ଯୋଗଦେଇ ଉତ୍ସାହର ସହ ମେଳାରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ କରିଥିଲେ।

**ଆକ୍ସନ ମୁଡ୍‌ରେ ବିଇଏମ୍‌ସି**

## ଭଡ଼ା ପୈଠ ନ କରିବାରୁ ୩ ଦୋକାନ ସିଲ୍

**ରାଜସ୍ୱ ଆଦାୟ ପ୍ରକ୍ରିୟାର ତ୍ୱରାନ୍ୱିତ, ଖିଲାପୀଙ୍କୁ ନାହିଁ ନିସ୍ତାର**

ବ୍ରହ୍ମପୁର,୧୩।୪(ସମିସ): ନିଜସ୍ୱ ଷ୍ଟଲ ବା ଦୋକାନ ଗୃହ ବାବଦ ବକେୟା ଭଡା ଆଦାୟ କରିବା ପାଇଁ କଠୋର ହୋଇଛି ବ୍ରହ୍ମପୁର ମହାନଗର ନିଗମ। ସହରରେ ମୋଟ ୮୬୮ଟି ଦୋକାନ ଗୃହ ଥିବା ବେଳେ ସେଥିମଧ୍ୟରୁ ଶତକଡା ୫୦ଭାଗ ଦୋକାନୀ ବା ଲିଜଧାରୀ ନିୟମିତ ଭଡା ନଦେଇ ଚୁକ୍ତିନାମାର ଖିଲାପ କରୁଛନ୍ତି। ସବୁଠାରୁ ବଡକଥା ସେଥିମଧ୍ୟରୁ ୧୪୪ଜଣ ଦିର୍ଘ ବର୍ଷ ଧରି ଲକ୍ଷ ଲକ୍ଷ ଟଙ୍କା ବକେୟା ରଖିଛନ୍ତି। ଏଭଳି ଖିଲାପିଙ୍କୁ ଚିହ୍ନଟ କରି ନୋଟିସ ଜାରି କରିବା ସହ ବକେୟା ରାଜସ୍ୱ ଆଦାୟ ପାଇଁ ଅଣ୍ଟା ଭିଡିଛି ବିଇଏମସି। ୨୪ଘଣ୍ଟାର ମହଲତ ଦେବା ପରେ ଅନେକ ଖିଲାପି ଦୁଇଦିନରେ ପ୍ରାୟ ୯ଲକ୍ଷ ଟଙ୍କା ଭଡା ବାବଦ ରାଜସ୍ୱ ପୈଠକ କରିଥିଲେ। ନିଗମ ପକ୍ଷରୁ ଅଭିଯାନ ଜାରି ରହିଥିବା ବେଳେ ଆଜି ୩ଟି ଦୋକାନକୁ ସିଲ କରାଯାଇଥିବା ବେଳେ ଏହାକୁ ଦେଖି ଅନ୍ୟ ୪ଜଣ ଖିଲାପି ସେମାନଙ୍କ ବକେୟା ଅର୍ଥ ପୈଠକ କରିଥିବା ଜଣାପଡିଛି। କେବଳ ଦୋକନ ସିଲ ନୁହେଁ ବରଂ ସେମାନଙ୍କ ସହିତ ବିଇଏମସି ପକ୍ଷରୁ ହୋଇଥିବା ଚୁକ୍ତିନାମାକୁ ରଦ୍ଦ କରାଯିବ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି ନିଗମ କମିଶନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ। ବିଇଏମସିର ଏଭଳି କଠୋର ମନୋଭାବକୁ ଦେଖି ଖିଲାପି ଦୋକାନୀ ବା ଲିଜଧାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଦିର୍ଘ ବର୍ଷ ଧରି ନିଜ ଅକ୍ତିଆରରେ ରଖିଥିବା ଦୋକାନ ଗୃହ ହାତରୁ ଚାଲିଯିବା ଭୟରେ ସେମାନେ ବକେୟା ଭଡା ପୈଠ କରିବାକୁ ମନସ୍ଥ କରିଥିବା ଜଣାପଡିଛି। ପ୍ରକାଶ ଯୋଗ୍ୟ ଯେ ବିଇଏମସିକୁ ବର୍ତ୍ତମାନ ସୁଦ୍ଧା ଏହି ଦୋକାନ ଘର ଭଡା ବାବଦରେ ୧କୋଟି ୭୬ଲକ୍ଷ ଟଙ୍କା ଆଦାୟ ନହୋଇ ପଡିରହିଛି।

## ପଲାସା-ଇଚ୍ଛାପୁର ସେକ୍ସନକୁ ବିଶାଖାପାଟଣା ଡିଭିଜନ୍‌ରେ ମିଶ୍ରଣକୁ ବିରୋଧ




ବ୍ରହ୍ମପୁର,୧୩।୪(ସମିସ): ସ୍ୱେଚ୍ଛାସେବୀ ସଂଗଠନ ସଂସ୍କାରବାଦୀ ପକ୍ଷରୁ ଖୋର୍ଦ୍ଧା ଡିଭିଜନ୍‌ରେ ଥିବା ପଲାସା-ଇଚ୍ଛାପୁର ସେକ୍ସନକୁ ବିଶାଖାପାଟଣା ଡିଭିଜନ୍‌ରେ ମିଶ୍ରଣ ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଏନେଇ ସଂଘ ପକ୍ଷରୁ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ବ୍ରହ୍ମପୁର ଷ୍ଟେସନ ପ୍ରବନ୍ଧକଙ୍କ ଜରିଆରେ ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରେଳବିଭାଗର ଏହି ନିଷ୍ପତ୍ତି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ହୋଇଥିବା ବେଳେ ଏଭଳି ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହୃତ କରିବାକୁ ଦାବି କରାଯାଇଥିଲା। ବ୍ରହ୍ମପୁର ଠାରୁ ପୁରୀ ସିଧାସଳଖ ଟ୍ରେନ ଚଳାଚଳ ପାଇଁ ବହୁ ବର୍ଷ ହେଲା ବୁଦ୍ଧିଜୀବୀ ଦାବି କରୁଥିଲେ ମଧ୍ୟ ଏହାକୁ ବିଭାଗ କର୍ଣ୍ଣପାତ କରୁନାହିଁ।

ରେଳବିଭାଗ ପକ୍ଷରୁ ଏହାକୁ ଅଣଦେଖା କଲେ ଆଗାମୀ ଦିନରେ ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀଙ୍କୁ ନେଇ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଓଡ଼ିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ବୈଠକ

ବ୍ରହ୍ମପୁର,୧୩।୪(ସମିସ): ଭୁବନେଶ୍ୱର କର୍ମଚାରୀ ଭବନ ଗୃହରେ ଓଡିଶା ସେବା ନିବୃତ୍ତ କର୍ମଚାରି ଓ ଶିକ୍ଷକ ବିକାଶମଞ୍ଚର କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶରତ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରା ଅନୁଷ୍ଠିତ ବୈଠକରେ ପେନସନ ବିରୋଧୀ ଭ୍ୟାଲିଡେସନ ବିଲ ତୁରନ୍ତ ପ୍ରତ୍ୟାହାର ପାଇଁ ପ୍ରେରିତ ଦାବୀପତ୍ର ଓ ତାର ପ୍ରଭାବ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିନିଧି ବୃନ୍ଦ ଉକ୍ତ କଳା ଦିବସରେ ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କର ଯୋଗଦାନ ଏବଂ ଆସ୍ତିବାଚକ ସହଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ବୈଠକରେ ସାଧାରଣ ସମ୍ପାଦକ ଲୋକନାଥ ରଥ, ଗଞ୍ଜାମ ଜିଲ୍ଲରୁ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଓ ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘର ରାଜ୍ୟ ଅଧ୍ୟକ୍ଷ କାମରାଜୁ ମହାରଣା ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଆସନ୍ତା ୨୯ ଓ ୩୦ତାରିଖ ରାଜସ୍ଥାନରର ଜୟପୁର ଠାରେ ଅନୁଷ୍ଠିତ ହେଉଥିବା କେନ୍ଦ୍ରୀୟ ସମ୍ମିଳନୀରେ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଥିଲା।

## ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର

ଆସିକା,୧୩।୪(ସମିସ): ଆସିକା ଥାନା ମୁକୁନ୍ଦପୁର ଗ୍ରାମର ବଡ଼ ନଦୀରୁ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର ହୋଇଛି। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ଏବଂ ତାଙ୍କ ଟିମ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ମୃତକଙ୍କ ବୟସ ପ୍ରାୟ ୫୦-୫୫ ବର୍ଷ ହେବ ବୋଲି ପୁଲିସ ଅନୁମାନ କରୁଛି। ଏଥିସହ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି।

**ଦଣ୍ଡନାଚ ପ୍ରସାଦକୁ ନେଇ ଗୋଷ୍ଠୀ ସଂଘର୍ଷ**

## ବାପା, ପୁଅ ସମେତ ତିନି ଆହତ

ଆସିକା,୧୩।୪(ସମିସ): ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମରେ ରବିବାର ରାତିରେ ଦଣ୍ଡନାଚ ଭୋଗ ଖାଇବାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ବାପା ଓ ପୁଅ ସମେତ ତିନି ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଥାଉକି ରବିବାର ରାତିରେ ଦଣ୍ଡନାଚ ଚାଲି ଥିବା ବେଳେ ମା’ଙ୍କ ପ୍ରସାଦ ଖାଇବାକୁ କେନ୍ଦ୍ର କରି ପ୍ରଥମେ ଉଭୟ ଗୋଷ୍ଠୀ ପକ୍ଷରୁ ସାମାନ୍ୟ ବଚସା ହୋଇଥିଲା। ପରେ ଗ୍ରାମବାସୀ ବୁଝା ସୁଝା ପରେ ପ୍ରଶମିତ ହୋଇଥିଲା। ତେବେ ଗୋଟିଏ ଗୋଷ୍ଠୀ ଘରକୁ ଯାଉଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ପୂର୍ବ ରାଗ ଅନୁଯାଇ ଆକ୍ରମଣ କରିଥିଲେ। ଆହତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏହି ମାମଲାରେ ୩ ଜଣଙ୍କୁ ଅଟକ ରଖି ପଚାର ଉଚରା କରୁଛି। ଆହତ ମାନେ ହେଲେ ଖଣ୍ଡଦେଉଳି ଗ୍ରାମର ବିଭୂତି ଭୂଷଣ ସ୍ୱାଇଁ (୫୪), ତାଙ୍କ ପୁଅ ସୁଧାଂଶୁ କୁମାର ସ୍ୱାଇଁ (୨୫) ଓ ଭଣଜା ଚିନ୍ମୟ ସ୍ୱାଇଁ (୨୬)। ତେବେ ଆକ୍ରମଣର ପ୍ରକୃତ କାରଣ ଜଣାପଡିନି।

# ଗୋଟିଏକୁ ନାହିଁ ଅନୁମତି; ଥାନାରେ ଲାଗିଛି ୬ଟି ଏସି

ବ୍ରହ୍ମପୁର,୧୩।୪(ସମିସ)





ସରକାରୀ ଅନୁମତି ନଥିବା ସତ୍ତ୍ୱେ ସମସ୍ତ ସୁବିଧାର ଲାଭ ଉଠାଉଛନ୍ତି ଅଧିକାରୀ। ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସିବାକୁ କାହାକୁ ବା ଇଛା ନାହିଁ। ତେବେ ସରକାରୀ ସ୍ତରରେ ଏଥିପାଇଁ ପ୍ରୋଟୋକଲର ଆବଶ୍ୟକତା ରହିଛି। ଖରାଦିନରେ ସମସ୍ତଙ୍କୁ ଯଦିଓ ଗରମ ହୁଏ, ତାହାର ଅର୍ଥ ନୁହେଁ ଯେ ସମସ୍ତେ ସରକାରୀ ତହବିଲରୁ ଖର୍ଚ୍ଚ କରି ନିଜସ୍ୱ ସୁବିଧା ହାସଲ ପାଇଁ ପ୍ରୋଟୋକଲକୁ ଉଲଂଘନ କରି ମନଇଛା ‘ଏସି’ର ବ୍ୟବହାର କରିବେ। ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବ୍ରହ୍ମପୁର ପୁଲିସ ଜିଲ୍ଲାରେ। ବୈଦ୍ୟନାଥପୁର ଥାନା ଓ ଟାଉନ ଥାନା ସମେତ ପ୍ରାୟ ସମସ୍ତ ଥାନାରେ ଲାଗିଛି ଏକାଧିକ ଏସି। ଇନ୍ସପେକ୍ଟରଙ୍କ ପ୍ରକୋଷ୍ଠ ସମତେ ଅନ୍ୟାନ୍ୟ ଗୃହରେ ଲାଗିଛି ପ୍ରାୟ ୫ରୁ୬ଟି ଏସି। ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ନବସିଲେ ଯେଭଳି ଅଧିକାରୀଙ୍କ କାମ ହେଉନି ସେଭଳି ଧାରଣା ମନକୁ ଆସୁଛି। ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ଇନ୍ସପେକ୍ଟରଙ୍କ ପ୍ରକୋଷ୍ଠ ସମେତ ସାଧାରଣ ପ୍ରକୋଷ୍ଠରେ ଏପରିକି ଅନ୍ୟାନ୍ୟ ପ୍ରକୋଷ୍ଠରେ ମୋଟ ୬ଟି ଏସି ଲାଗିଛି। ଅନୁରୁପ ଭାବେ ଟାଉନ ଥାନାରେ ମଧ୍ୟ ୬ଟି ଏସି ଲାଗିଥିବା ଜଣାପଡିଛି। ତେବେ ଏହି ସବୁ ଏସି ସରକାରୀ ତହବିଲରୁ କ୍ରୟ କରାଯାଇଛି ଅଥବା ଅନ୍ୟ କୌଣସି ସୂତ୍ରରୁ ଆସିଛି ତାହା ତଦନ୍ତ ସାପେକ୍ଷ। କାରଣ ପୂର୍ବରୁ ଥାନା ବାବୁମାନଙ୍କୁ ମଦ ମାଫିଆ ଓ ଅପରାଧିମାନେ ଏହା ଯୋଗାଉଥିବା ବେଳେ ବାବୁମାନେ ବଦଳି ସମୟରେ ତାହାକୁ ନିଜସ୍ୱ ସମ୍ପତ୍ତି ଭଳି କାଢି ନେଇଯିବାର ନଜିର ରହିଛି। ଯାହାକୁ ନେଇ ବିଭିନ୍ନ ଥାନାରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ଦେଖିବାକୁ ମିଳିଛି। ଥାନାକୁ ଯଦି ଏସି ଅନୁମତି ନାହିଁ ତେବେ ଏହି ବାବଦରେ ଆସୁଥିବା ବିଦ୍ୟୁତ୍ ବିଲର ଭରଣା ବା ପୈଠ କଣ ସରକାର କରୁଛନ୍ତି ଅଥବା ଥାନା ନିଜସ୍ୱ ସୂତ୍ରରୁ କରୁଛି ତାହା ମଧ୍ୟ ଆଉ ଏକ ବଡ ପ୍ରଶ୍ନ। କେବଳ ଥାନା କାହିଁକି ବ୍ଲକ ସ୍ତରରେ ବିଡିଓ ଓ ତହସିଲଦାରଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନୁରୁପ ସ୍ଥିତି ଦେଖିବାକୁ ମିଳୁଛି। ଏନେଇ କିନ୍ତୁ କେହି ମୁହଁ ଖୋଲିବାକୁ ପ୍ରସ୍ତୁତ ନାହାନ୍ତି। କେବଳ ଏସି ବ୍ୟବସ୍ଥା ନୁହେଁ ବରଂ ଥାନାଗୁଡିକରେ ଯେଉଁଭଳି ଭାବେ ସୋଫା ପଡୁଛି ସେଥିରୁ ଥାନା ବାବୁମାନଙ୍କ ବାହ୍ୟ ଚାକଚକ୍ୟ ସ୍ପଷ୍ଟ ଅନୁମେୟ ହେଉଛି।

ଲୋକଙ୍କ ଧନଜୀବନର ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଯେ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସିବ ତେବେ ଆଇନଶୃଙ୍ଖଳା ସ୍ଥିତି କଣ ହେବ ତାହା ନିୟମିତ ବିଭିନ୍ନନ ଥାନା ଇଲାକାରେ ହେଉଥିବା ଅପରାଧିକ କାର୍ଯ୍ୟକଳାପରୁ ସ୍ପଷ୍ଟ ଜଣାପଡୁଛି। ପୁଲିସକୁ ଏସି ସୁବିଧା ନଦେବା ସପକ୍ଷରେ ଆମର ଉଦ୍ଦେଶ୍ୟ ନଥିଲେ ହେଁ ଏହାକୁ ସରକାରୀ ଭାବେ ବ୍ୟବସ୍ଥିତ କରାଯିବା ଉଚିତ। ସରକାରଙ୍କ ପାଖଷର ଅର୍ଥାଭାବ ଯୋଗୁଁ ଥାନାର ଗାଡି ଗୁଡିକ ଭଡାସୂତ୍ରରେ ଅଣାଯାଇଥିବା ବେଳେ ଗୋଟିଏ ଥାନାରେ ୬ଟି ଲେଖାଏଁ ଏସି ଲାଗିବା କେତେ ଦୂର ଯୁକ୍ତିଯୁକ୍ତ ତାହାକୁ ନେଇ ଉଠିଛି ପ୍ରଶ୍ନ।

- **ବଦଳି ବେଳେ ଅଧିକାରୀ ଘରକୁ ଅଥବା ଅନ୍ୟତ୍ର ନେଉଛନ୍ତି ଏସି, ଯାହାକୁ ନେଇ ଉଠିଛି ପ୍ରଶ୍ନ**
- **କେବଳ ଥାନା ନୁହେଁ ବିଡିଓ ଓ ତହସିଲଦାରଙ୍କ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି**





# ସିଜିମାଳି ଆନ୍ଦୋଳନକାରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଗଣଧାରଣା

ବ୍ରହ୍ମପୁର,୧୩।୪(ସମିସ)






ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଦ୍ଧିଜୀବୀ, ବିଭିନ୍ନ ପାର୍ଟି ଓ ଗଣ ସଙ୍ଗଠନର ପ୍ରତିନିଧିଗଣଙ୍କ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି। ସିଜିମାଳି ଆନ୍ଦୋଳନକାରୀଙ୍କୁ ନ୍ୟାୟ ପ୍ରଦାନ ସହ ଉକ୍ତ ଅଞ୍ଚଳରେ ହେବାକୁ ଥିବା ଖଣି ଖନନକୁ ତୁରନ୍ତ ବାତିଲ କରିବାକୁ ଏଠାରେ ଦାବି କରାଯାଇଛି। ବିଜେପି ସରକାରର କମ୍ପାନୀ ପ୍ରୀତି ନୀତିକୁ କାର୍ଯ୍ୟକାରୀ ପାଇଁ ନିରୀହ ଆଦିବାସୀ, ଦଳିତଙ୍କ ଉପରେ ଅମାନବୀୟ ଲାଠି ପ୍ରହାର ଓ ମିଥ୍ୟା କେସରେ ଗିରଫ କରାଯାଉଥିବା ଅଭିଯୋଗ ହୋଇଥିଲା। ଗତ ଅପ୍ରେଲ ୭ତାରିଖ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ସିଜିମାଳି ପାହାଡ ଅଞ୍ଚଳରେ ସରକାରଙ୍କ ଚୁକ୍ତିନାମା ଅନୁଯାୟୀ ବେଦାନ୍ତ କମ୍ପାନୀ ଖଣି ଖନନ ଓ ଖଣିଜ ପଦାର୍ଥ ଚାଲାଣ ପାଇଁ ରାସ୍ତା ନିର୍ମାଣ ସମ୍ବନ୍ଧେ ସ୍ଥାନୀୟ ଆଦିବାସୀ ସମୁଦାୟ ଓ ପୁଲିସ୍ ପ୍ରଶାସନ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହେଲା। ବିନା ଆଲୋଚନାରେ କିପରି ଉକ୍ତ ଅଞ୍ଚଳରେ ଜୋର ଜବରଦସ୍ତ ଭାବେ ଖଣି ଖନନ ହେଉଛି ବୋଲି ପ୍ରଶ୍ନ କରିବାରୁ ସେମାନଙ୍କ ଉପରେ ରାୟଗଡ଼ା ପୁଲିସ୍ ନିର୍ମମ ଭାବେ ଲାଠି ପ୍ରହାର କରିଥିବା ଏଠାରେ କୁହାଯାଇଛି।

ଏହି ଘଟଣାରେ ବହୁ ନିରୀହ ଅଞ୍ଚଳବାସୀଙ୍କୁ ମିଥ୍ୟା କେସରେ ଛନ୍ଦି ଗିରଫ କରାଯାଇଛି। ଅନୁସୂଚିତ ଧାରା ଅନୁସାରେ ଗ୍ରାମ ସଭା ମାଧ୍ୟମରେ ହିଁ ଯେକୌଣସି ପ୍ରକାର ବିକାଶ ମୂଳକ କାର୍ଯ୍ୟ ଆଲୋଚନା ହେବ ଓ ଗ୍ରାମ ସଭାରେ ଅନୁମୋଦନ ପାଇଲେ ହିଁ କାମ ଆଗକୁ ବଢ଼ିବାର ନିୟମ ରହିଛି। ହେଲେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଏହି ଆଇନକୁ ଉଲ୍ଲଂଘନ କରିଥିବା ଗଣଧାରଣାରେ କୁହାଯାଇଛି। ୨୦୦୬ ମସିହାର ଜଙ୍ଗଲ ଅଧିକାର ଆଇନ ବଳରେ କେହି ଆଦିବାସୀ ଓ ପାରମ୍ପରିକ ଅଧିବାସୀଙ୍କ ଠାରୁ ଜମି ଛଡାଇ ନେଇ ପାରିବେ ନାହିଁ ବୋଲି ନିୟମ ରହିଥିବା ବେଳେ ଉକ୍ତ ଆଇନକୁ ଅବମାନନା କରାଯାଉଛି। ସରକାର କମ୍ପାନୀ ସ୍ୱାର୍ଥ ପାଇଁ ସାଧାରଣ ଜନତାଙ୍କ ଉପରେ ବର୍ବରୋଚିତ ଲାଠି ପ୍ରହାର ଓ ଘରୁ ଉଠାଇ ନେଇ ମିଥ୍ୟା କେସ ଲଦି ନିରୀହ ସରଳ ଆଦିବାସୀ ମାନଙ୍କୁ ଗିରଫ କରିବା ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ କହିଛନ୍ତି। ନିରୀହ ଆଦିବାସୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯିବାକୁ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

ଗଣଧାରଣାରେ ବିଶିଷ୍ଟ ପରିବେଶବିତ୍ ସୁଧୀର ରାଉତ, ସିପିଆଇ (ଏମଏଲ୍)ର ଆଇନଜୀବି ଅବନୀ ଗୟା, ଆପ୍‌ର ସୁବାସ ଚନ୍ଦ୍ର ରାଉତ, ଆଦିତ୍ୟ ନାରାୟଣ ରଥ, କୈଳାସ ଚନ୍ଦ୍ର ସେଠୀ, ସେବା ନିବୃତ ଶିକ୍ଷକ, କର୍ମଚାରୀ ସଂଘର ନେତା ଅଶୋକ କୁମାର ଦଳାଇ, ଏଆଇକେକେଏସର ଶଙ୍କର ଇନକିଲାବ, ସିପିଆଇ(ଏମଏଲ୍) ରେଡଷ୍ଟାରର ପି. ପାର୍ବତୀ, ସିପିଆଇ(ଏମଏଲ୍) ନିଉ ଡେମୋକ୍ରସିର ଭାଲଚନ୍ଦ୍ର ଷଡ଼ଙ୍ଗୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ଗଗନ ଚନ୍ଦ୍ର ମଲ୍ଲିକ, ଆର୍. ସତ୍ୟ ନାରାୟଣ ରାଓ, ସମ ସମାଜ ତତ୍ତ୍ୱର ଆବାହକ ଗୁରୁ ଚରଣ ପାତ୍ର, ଋଷିକୂଲ୍ୟା ରୟତ ମହାସଭାର ସିମାଞ୍ଚଳ ନାହାକ, କିଶୋର ସ୍ୱାଇଁ, ଲଡୁ ଡାକୁଆ ଓ ବରଗଛ ସଂରକ୍ଷଣ ସମିତିର ଲୋକନାଥ ପରିଡ଼ା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଗଞ୍ଜାମ,୧୩।୪(ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ବରପଲ୍ଲୀର ବାସିନ୍ଦା ତଥା ପୂର୍ବତନ ସରପଞ୍ଚ ନରସିଂହ ପଲାଇ (୭୭)ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସୋମବାର ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକମାନେ ତୁରନ୍ତ ତାଙ୍କୁ ଛତ୍ରପୁର ମେଡିକାଲ୍‌କୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ନରସିଂହ ପଲାଇ ଜଣେ ଶାନ୍ତ, ସରଳ, ମେଳାପୀ ଓ ଲୋକପ୍ରିୟ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ସେ ୧୯୭୨ ମସିହାରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କୁ ପରାଜିତ କରି ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏନଏସି ଗଠନ ପୂର୍ବରୁ ସେହି ଅଞ୍ଚଳର ଶେଷ ସରପଞ୍ଚ ଭାବେ ସେ ପରିଚିତ ଥିଲେ। ବିଭିନ୍ନ ସମୟରେ କଂଗ୍ରେସ୍ ଦଳର ନେତୃତ୍ୱ ନେଇଥିବା ବେଳେ ସେ ବିଭିନ୍ନ ସାଂଗଠନିକ ଦାୟିତ୍ୱରେ ରହି ସଫଳତାର ସହିତ ତାହାକୁ ନିର୍ବାହ କରିଥିଲେ। ଶେଷକୃତ୍ୟ ସମୟରେ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ଜିଲ୍ଲାସ୍ତରୀୟ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ




ଛତ୍ରପୁର,୧୩।୪(ସମିସ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଚେତନାରେ ଆମର ପାରମ୍ପରିକ ଖାଦ୍ୟ ଏକ ଅବିଚ୍ଛେଦ୍ୟ ଅଙ୍ଗ। 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ ଜିଲ୍ଲାସ୍ତରୀୟ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ଓରମାସ ଓ ଓଡ଼ିଆ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ଏସଏଚଜି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରାଯାଇ ଏହି ପର୍ବ ପାଳନ କରାଯାଇଛି। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଓ ଦେବଦତ୍ତ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଡିଏଫଓ ସୋନି ଖୋଖର ପ୍ରମୁଖ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିବା ସହିତ ପିଠା ଖାଇ ଆମ ପାରମ୍ପରିକ ଖାଦ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ଓରମାସ ଡେପୁଟି ସିଇଓ ରାଜଗୋପାଳ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ପାଠଚକ୍ର




ବ୍ରହ୍ମପୁର,୧୩।୪(ସମିସ): ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ଇଂରାଜୀ ବିଭାଗ ପକ୍ଷରୁ ଏକ ପାଠଚକ୍ର ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ ପୌରୋହିତ୍ୟ 'କଣ୍ଟେମ୍ପରାରୀ ରିଲେଭାନ୍ସ ଅଫ୍ ଲିଟେରାରୀ ଥିଓରୀ' ଶୀର୍ଷକ ଏହି ପାଠଚକ୍ରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାମ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇଂରାଜୀ ପ୍ରାଧ୍ୟାପକ ଡ. ଗଗନ ବିହାରୀ ପୁରୋହିତ ଯୋଗଦେଇ ଇଂରାଜୀ ସାହିତ୍ୟରେ ବିଭିନ୍ନ ସାହିତ୍ୟିକ ତତ୍ତ୍ୱର ସାମସମୟିକ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଓ ପ୍ରାଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ଆନନ୍ଦ ସେଠୀ ପ୍ରାରମ୍ଭରେ ପ୍ରାକସୂଚନା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସୁପ୍ରିୟା ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁକ୍ତ ତୃତୀୟ ବର୍ଷ ଇଂରାଜୀ ସମ୍ମାନ ଓ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଇଂରାଜୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଆର୍ତ୍ତତ୍ରାଣ ପାଣିଗ୍ରାହୀ, ଅଧ୍ୟାପିକା ସୁପ୍ରିୟା ଆଚାରୀ, ଅଧ୍ୟାପିକା ସୁସ୍ମିତା କୁମାରୀ ପାତ୍ର ଓ ଅଧ୍ୟାପକ ବି. ଅକ୍ଷୟ କୁମାର ରେଡ୍ଡୀ ସହଯୋଗ କରିଥିଲେ।

### ଓଡ଼ିଆ ପକ୍ଷ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା

## ହିଲଟପ୍ ସ୍ନାତକ ମହାବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

ମୋହନା,୧୩।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଆ ପକ୍ଷ ପାଳନ ଅବସରରେ ଗତ ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ହୋଇ ଥିବା ଯୁବ ଲେଖକ ଦିବସ / ଅମୃତ ପିଢ଼ି ସାରସ୍ୱତ କର୍ମଶାଳାରେ ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଯାଜ୍ଞସିନୀ ବେହେରା ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ ହାସଲ କରିଛନ୍ତି। ଆସନ୍ତାକାଲି ଓୟୁଏଟି ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧିତ ହେବେ। ଏହି କ୍ରମରେ ସେ ମହାବିଦ୍ୟାଳୟ ଏବଂ ଗଜପତି ଜିଲ୍ଲା ପାଇଁ ଗୌରବର ଆଣିଛନ୍ତି। କୃତି ଛାତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭ୍ର କାନ୍ତ ମହାନ୍ତି, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



## ମେଗା ପ୍ରକଳ୍ପର ଅନୁଧ୍ୟାନ କଲେ ଯନ୍ତ୍ରୀ

ପାରଳାଖେମୁଣ୍ଡି,୧୩।୪(ସମିସ): ଗ୍ରୀଷ୍ମ ଋତୁରେ ପିଇବା ପାଣି ସମସ୍ୟା ଦୂର କରିବା ପାଇଁ ଗଜପତି ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ଦିନ ଧରି ଚାଲୁରହିଛି। ଏ ପ୍ରକଳ୍ପ ଠିକ୍ ଭାବେ ନିର୍ମାଣ କରିବା ପାଇଁ ଗଜପତି ଜିଲ୍ଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ତପ୍ତପା ବେହେରା, ସହକାରୀ



ନିର୍ବାହୀଯନ୍ତ୍ରୀ ପ୍ରତ୍ୟୁଷ କୁମାର ସାହୁ ଏବଂ ଦୁଇ ସହକାରୀ ଯନ୍ତ୍ରୀଙ୍କ ସହ ମେଗା ପ୍ରକଳ୍ପ ଓ ସୋଲାର ପାଣି ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ପାଣି ଯୋଗାଣ ନିର୍ମାଣ କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିବା ପାଇଁ ପାର୍ତଡା ପଞ୍ଚାୟତର ଏସ. ଜଡୁର, ଆରିମ୍ବା, ଗୋର୍ବା ଏବଂ ଖାରଡା ପଞ୍ଚାୟତର ତାଡଭା ଗ୍ରାମକୁ ଯାଇଥିଲେ। ମେଗା ପ୍ରକଳ୍ପ କାର୍ଯ୍ୟ ସମାପ୍ତ ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି।

## ମା' ଗୃହରେ ଓଡ଼ିଆ ପକ୍ଷରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା

ଜି.ଉଦୟଗିରି/ଟିକାବାଲି,୧୩।୪(ସମିସ): ଓଡିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ମା ଗୃହରେ ଓଡ଼ିଆ ପକ୍ଷ ପାଳନ କରାଯାଇଛି। ଆଜି ଆମ ରୁଚି ଆମ ଖାଦ୍ୟକୁ ଗୁରୁତ୍ୱ ଦେଇ ଜାତୀୟ ସ୍ୱାସ୍ଥ୍ୟ ମିଶନଙ୍କ ସହାୟତାରେ କଟ୍ରିଙ୍ଗିଆ, ବାଲନ୍ଦାପଡା ଓ ଟିକାବାଲି ମା ଗୃହ ଦ୍ୱାରା ଫିରିଙ୍ଗିଆ, ଟିକାବାଲି ଓ ଫୁଲବାଣୀ ବ୍ଲକରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶା, ଅଙ୍ଗନଓାଡି କର୍ମୀ, ଗର୍ଭବତୀ, ପ୍ରସୂତୀ ଓ ମହିଳା ଯୋଗ ଦେଇଥିବା ବେଳେ ଟିକାବାଲି ମା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତିରଞ୍ଜନ, ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିନବନ୍ଧୁ ମହାନ୍ତି, ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଯୋଗ ଦେଇଥିଲେ। ଏଥିରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ମହିଳା ପରିଦର୍ଶିକା ରଜନୀ ପ୍ରଧାନ, ଦୌପଦୀ କୁନ୍ଦାଇ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ଜୁନସ ଦିଗାଲ, ସିଏଚ୍‌ଓ ରୁନିମା କହଁର ଓ ଏ.ଏନ୍.ଏମ୍ ପ୍ରିୟଙ୍କା ସେଠୀ ଯୋଗ ଦେଇଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା



ଛତ୍ରପୁର, ୧୩।୪(ସମିସ)

ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ସ୍ତରରେ ମଧ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ମଧ ଇଂରାଜୀ ବିଦ୍ୟାଳୟ ସ୍ତରରେ ସାୟାଂଶ ପଟ୍ଟନାୟକ (ଓଡିଶା ଆଦର୍ଶ ବିଦ୍ୟାଳୟ, ଚମାଖଣ୍ଡି) ପ୍ରଥମ ସ୍ଥାନ, ସ୍ୱାଧୀନ ପ୍ରଧାନ (ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ଦିବ୍ୟାଂଶୁ ହାତୀ (ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର) ଓ କେ. ଅମ୍ରିକ ପାତ୍ର (ଓଡିଶା ଆଦର୍ଶ ବିଦ୍ୟାଳୟ, ଚମାଖଣ୍ଡି) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚ ବିଦ୍ୟାଳୟ ସ୍ତରରେ ଶ୍ରୀୟାଶ୍ରୀ ବିଷୋୟୀ (କେନ୍ଦ୍ରୀୟ ବିଦ୍ୟାଳୟ, ଛତ୍ରପୁର) ପ୍ରଥମ ସ୍ଥାନ, ଦେବୀନା ନାୟକ (କେନ୍ଦ୍ରୀୟ ବିଦ୍ୟାଳୟ, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ସ୍ମିତାଞ୍ଜଳୀ ସାହୁ (ପି.ଏମ୍.ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ) ଓ ସୋନମ ପ୍ରିୟା ପଣ୍ଡା (ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ, ଛତ୍ରପୁର) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ବରୁଣ କୁମାର ସାହୁ (ଦି ନ୍ୟୁ ଏଜ୍ ୟୁରୋ ସ୍କୁଲ୍, ଛତ୍ରପୁର) ପ୍ରଥମ ସ୍ଥାନ, ବସୁନ୍ଧରା ପାଣିଗ୍ରାହୀ (ଦି ନ୍ୟୁ ଏଜ୍ ୟୁରୋ ସ୍କୁଲ୍, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ଅବନ୍ତିକା ସ୍ୱାଇଁ (ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ମହାବିଦ୍ୟାଳୟ ସ୍ତରରେ ରେଶ୍ମା ସ୍ୱାଇଁ (ମହିଳା ମହାବିଦ୍ୟାଳୟ, ଛତ୍ରପୁର) ପ୍ରଥମ ସ୍ଥାନ, ଶିଖା ନାୟକ (ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ପବିତ୍ର ମୁଦୁଲୀ (ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର) ଓ ଶିବାନୀ ବେହେରା (ମହିଳା ମହାବିଦ୍ୟାଳୟ, ଛତ୍ରପୁର) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଏହି ପ୍ରତିଯୋଗିତାଗୁଡିକରେ ଅଶୋକ କୁମାର ଚୌଧୁରୀ (ପୂର୍ବତନ ବିଧାୟକ), ପ୍ରଶାନ୍ତ କୁମାର ଶତପଥୀ (ଶିକ୍ଷାବିତ୍) ଓ ଦିଲ୍ଲୀପ କୁମାର ପଲେଇ (ଶିକ୍ଷାବିତ୍) ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସମସ୍ତ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସୌରଭ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ନାରୀଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା




ବ୍ରହ୍ମପୁର,୧୩।୪(ସମିସ): ନାରୀ ସଶକ୍ତିକରଣ ଏବଂ ଆତ୍ମ ସମ୍ମାନର ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ନାରୀଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରୁ ଆରମ୍ଭ ହୋଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ଠାରେ ଶେଷ ହୋଇଥିଲା। ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ, ମହାନଗର କମିଶନର ଏ. ସସ୍ୟା ରେ‡ୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଯୋଗଦେଇ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ କହିବା ସହ ୩୩ପ୍ରତିଶତ ସଂରକ୍ଷଣ ଆସନ୍ତା ୧୮ ତାରିଖରେ ମହିଳାଙ୍କ ପାଇଁ ସଂସଦରେ ବିଲ ପାସ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ଅନ୍ୟତମ ସମ୍ମାନୀତ ଅତିଥି ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ନାରିଶକ୍ତି ସମସ୍ତ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବା ଆବଶ୍ୟକ ରହିଥିବା ବେଳେ ସାରା ଦେଶରେ ନାରୀମାନେ ସଶକ୍ତିକରଣ ନିହାତି ଆବଶ୍ୟକ ରହିଛି ବୋଲି କହିଥିଲେ।

## ଚତୁର୍ଥ ଦିନରେ ଜିଲ୍ଲାସ୍ତରୀୟ ସିଏମ କପ୍

ବ୍ରହ୍ମପୁର,୧୩।୪(ସମିସ): ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ସିଏମ କପ ଫୁଟବଲ ପ୍ରତିଯୋଗିତା ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ଖେଳର ପ୍ରଥମ ମ୍ୟାଚ ସୋଡ଼ାକ ଟାଇଗର ଓ କ୍ଲୋରା ଫିଲ ସ୍କୁଲ ମଧ୍ୟରେ ହୋଇଥିଲା। ସୋଡ଼ାକ ଟାଇଗର ବାଳକ ଦଳ ୩-୧ ଗୋଲରେ ବିଜୟୀ ହାସଲ କରିଛି। ଦ୍ୱିତୀୟ ମ୍ୟାଚ ସେଣ୍ଟଜାଭିୟର ହାଇସ୍କୁଲ ଓ ଡ଼ି.ପି.ଏସ ସ୍କୁଲ ମଧ୍ୟରେ ହୋଇଛି। ଡ଼ି.ପି.ଏସ ସ୍କୁଲ ୧୧ -୦ ଗୋଲରେ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଅତିଥି ରୂପେ ଯୋଗ ଦେଇଥିଲେ ଏନ୍. ଆଇ. ଏସ ବାସ୍କେଟ ବଲ ପ୍ରଶିକ୍ଷକ କାଜଲ କୁମାର ସାହୁ। ଦ୍ୱିତୀୟ ମ୍ୟାଚରେ ଅତିଥି ରୂପେ ଯୋଗ ଦେଇଥିଲେ ଏନ୍. ଆଇ. ଏସ ଫୁଟବଲ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ପାଣିଗ୍ରାହୀ। ସେହିଭଳି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ,ସୀତାରାମ ୱେବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ୍ୟ ଉପସ୍ଥିତ ଥିଲେ। ମ୍ୟାଚକୁ ପରିଚାଳନା କରିଥିଲେ ରଂଜିତ ପାତ୍ର, ରମେଶ ବେହେରା, ୱାଇ ପୂର୍ଣ୍ଣଚନ୍ଦ୍ର ରାଓ, ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ରେଫେରି ସୁଜିତ କୁମାରପାତ୍ର ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।



## ଶେଷ ହେଲା ୧୩ ଦିନିଆ ଦଣ୍ଡଯାତ୍ରା

ଜି.ଉଦୟଗିରି,୧୩।୪(ସମିସ)



ଜି.ଉଦୟଗିରିର ବହୁ ପୁରାତନ ଦଣ୍ଡଯାତ୍ରା ଆଜି ଶେଷ ହୋଇଛି। ଗତ ୧ ତାରିଖ ଠାରୁ ଏହି ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆଜି ସମାପ୍ତ ହୋଇଛି। ପରମ୍ପରା, ଆସ୍ଥା, ବିଶ୍ୱାସ ଓ ନିଷ୍ଠାର ସହ ତେର ଦିନିଆ ଯାତ୍ରା ବିଭିନ୍ନ ଜାଗାରେ କରିବା ପାଇଁ ପରିଚାଳନା କମିଟି ତରଫରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ପ୍ରତ୍ୟେକ ବର୍ଷ ଏହି ଯାତ୍ରା କରିବାକୁ ଶତାଧିକ ବରଣ ରହିଥିବା ବେଳେ ଚଳିତ ବର୍ଷ ପରିଚାଳନା କମିଟି ତରଫରୁ ସାନ ଡାକପଲା, ବନ୍ଧଛକ, ଦୁଗୁଡିପାରୀ, କିରାମାହା, ବଡରାଉଳ ସାହି ରଟିଙ୍ଗିଆ, ବଡ଼ସାହି, ରଟିଙ୍ଗିଆ, ଗୌଡ଼ ସାହି, ରେଟୁଡ଼ି ମୁକୁଲିଙ୍ଗିଆ ଗ୍ରାମର ଭକ୍ତଙ୍କ ବରଣ ଚୂଡାନ୍ତ ତାଲିକା ପ୍ରକାଶ କରାଯିବା ସହିତ ଦଣ୍ଡ ଯାତ୍ରା ହୋଇଥିଲା। ଜି.ଉଦୟଗିରିର ମାସନ୍ତ ମେରୁ ହୋଇଥିବାରୁ ଆଜି ସକାଳେ ଦଣ୍ଡୁଆ ଦଳ ସହ ମା'ଙ୍କୁ ସ୍ୱାଗତ କରାଯାଇ ମନ୍ଦିରକୁ ଅଣାଯାଇଥିଲା। ରୀତିନୀତି ଅନୁଯାୟୀ ଧୂଳିଦଣ୍ଡ, ପାଣିଦଣ୍ଡ ଆଦି କାର୍ଯ୍ୟକ୍ରମ ସମାପ୍ତ ପରେ ଆରମ୍ଭ ହୋଇଥିଲା ମେରୁ ପର୍ବ।ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟଙ୍କ ଦ୍ୱାରା ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇ କାଳେସୀଙ୍କୁ ଓହଳାଇବା ପରେ ମେରୁପର୍ବ ଶେଷ ହୋଇଥିଲା। ଏହି ପର୍ବକୁ ଦେଖିବା ପାଇଁ ଅଞ୍ଚଳର ବହୁ ମାନସିକଧାରୀଙ୍କ ସହ ଉପବାସ ରଖିଥିବା ଭକ୍ତ ଏବଂ ହଜାର ହଜାର ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିଲେ। ମା'ରୁଦ୍ରକାଳୀ ନାଟ୍ୟସଙ୍ଘ ତରଫରୁ ଚଳିତ ବର୍ଷ ନବୀନ ମହାପାତ୍ରଙ୍କ ରଚିତ ସାମାଜିକ ନାଟକ ମଣିଷ ଖୋଜୁଛି ଜରାନିବାସ ମଞ୍ଚସ୍ଥ ହୋଇଥିଲା।

ସକାଳ
THE SAKALA
ମଙ୍ଗଳବାର
୧୪ ଏପ୍ରିଲ, ୨୦୨୬



## ଦୁର୍ଘଟଣାରେ ଆହତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାରଳାଖେମୁଣ୍ଡି,୧୩।୪(ସମିସ): ଆନ୍ଧ୍ରର ପଲାସା ନିକଟରେ ୯ ଦିନ ପୂର୍ବେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ପାରଳାଖେମୁଣ୍ଡି କରଣସାହିର ମୁକେଶ କୁମାର ପାଣିଗ୍ରାହୀ (୫୩) ଙ୍କ ମୃତ୍ୟୁ ହୋଇଛି ।।ତାଙ୍କର ମୃତ୍ୟୁରେ ସହରର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ସୂଚନା ପ୍ରକାରେ ସ୍ୱର୍ଗତ ମୁକେଶ ସାଙ୍ଗସାଥିଙ୍କ ସହ ଶ୍ରୀକ୍ଷେତ୍ର ଯାଇ ଜଗାଦର୍ଶନ କରି ଫେରୁଥିଲେ। ଆସିବାବେଳେ ଜାତୀୟ ରାଜପଥ ୧୬ ଅନ୍ତର୍ଗତ ପଲାସା ସହର ନିକଟରେ ଭଡା ସୂତ୍ରରେ ନେଇଥିବା କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଡିଭାଇଡରକୁ ଚଢି ବିପରିତ ରାସ୍ତାରେ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା । କାରରେ ବସିଥିବା ମୁକେଶ କୁମାର ପାଣିଗ୍ରାହୀ, ତାଙ୍କ ସାଙ୍ଗ ଅମୂଲ୍ୟ ପାତ୍ର ଏବଂ ଚାଳକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୯ ଦିନ ପରେ ଚାଳକ ଜଣକ ସୁସ୍ଥ ହୋଇଥିବାବେଳେ ମୁକେଶଙ୍କୁ ଅଧିକ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ହୃଦଘାତରେ ମୃତ୍ୟୁ ହୋଇଛି। ମୁକେଶ ଦୁର୍ଘଟଣା ପରଠାରୁ କୋମାରେ ଥିଲେ। ଆଜି ତାଙ୍କର ମୃତ୍ୟୁ ହୋଇଛି।

## ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ



ଜି.ଉଦୟଗିରି,୧୪।୪(ସମିସ): ଜି.ଉଦୟଗିରି ବ୍ଲକ ସଭା ଗୃହରେ ଆଜି ଓଡ଼ିଆ ପକ୍ଷ ଦିବସ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଯନ୍ତ୍ରୀ ଅସିତ୍ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଶିବରାମ ସାହୁ, କଳିଙ୍ଗ ମହାବିଦ୍ୟାଳୟର ଅଧ୍ୟାପକ ଡ. ନଳିନୀ ପାଣିଗ୍ରାହୀ, ସାମ୍ବାଦିକ ଅରୁଣ କୁମାର ଷଡଙ୍ଗୀ, ସରପଞ୍ଚ ତ୍ରିଶିଳା ପ୍ରଧାନ, ବକ୍ସି ମଲ୍ଲିକ ଓ ବ୍ଲକ ତରଫରୁ ଅନିଲ ପଟ୍ଟନାୟକ ମଞ୍ଚାସୀନ ହୋଇ ସମସ୍ତେ କିପରି ଓଡ଼ିଶା ଭାଷାକୁ ଓ ଓଡ଼ିଆ ଖାଦ୍ୟକୁ ଭଲ ପାଇବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟାଳୟ ର ଅଧିକାରୀ,ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସରପଞ୍ଚ, ସମିତିସଭ୍ୟ, କାଉନସିଲର, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମା ରୁଦ୍ରକାଳୀଙ୍କ ମେରୁ ଓ ଝାମୁ ଯାତ୍ରା



ଫିରିଙ୍ଗିଆ,୧୩।୪(ସମିସ): ଚକାପାଦ ବ୍ଲକ ପାଣ୍ଡ୍ରିସୀମାରେ ପୂଜିତ ବହୁ ପୁରାତନ ମା ରୁଦ୍ରକାଳୀଙ୍କ ୧୩ ଦିନ ଦଣ୍ଡ ପରିକ୍ରମା ପରେ ଆଜି ମହା ଆଡମ୍ବରରେ ମେରୁ ଓ ଝାମୁଯାତ୍ରା ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ତଥା ଦଣ୍ଡ ପରିଚାଳନା କମିଟି ପରିଚାଳକ ଭାଗିରଥି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେରୁ ଓ ଝାମୁ ଯାତ୍ରାରେ ଦଣ୍ଡ ପରିକ୍ରମା ପରେ ସକାଳୁ ଦଶଟାରେ ବାଟ ବରଣ ସହ ଗଡ଼ ପ୍ରବେଶ ପରେ ଯଥା ବିଧି ୧୬ ଦଣ୍ଡ ସମାପନ କରାଯାଇଥିଲା। ପରେ ଜଳ ଘାଟ ସାରି ମେରୁ ଓ ଝାମୁ ସମ୍ପର୍ଣ୍ଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ। ଦଣ୍ଡ କମିଟି ପାଟ ଭୁକ୍ତା ଉଦୟଶ୍ୱର ବିଶୋଇ, ପାଟଦଣ୍ଡୁଆ ସୁଶାନ୍ତ ବେହେରା, ପାଣିଦଣ୍ଡୁଆ ରାଜୀବ ନାୟକ, ପାଟଢୁଲିଆ ଭଜମନ ନାୟକ, ଜଗନ୍ନାଥ ସାହୁ, ସୀମାଞ୍ଚଳ ସାହୁ, ଅଧିକାରୀ ହର ନାୟକ, ଡଗରା ଘାସିରାମ ଦେହୁରୀ, ଭଣ୍ଡାର ଘରିଆ ସୁରେନ୍ଦ୍ର ବେହେରାଙ୍କ ସହ ୩ ଖଣ୍ଡ ମୌଜା ସହ ଗ୍ରାମବାସୀ ସହଯୋଗ କରିଥିଲେ। ପାଟଭୁକ୍ତାଙ୍କ ସହ ପ୍ରଶାନ୍ତ ମହାପାତ୍ର ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଆସନ୍ତାକାଲି ପଣା ଏବଂ ୧୫ ତାରିଖରେ ମା ରୁଦ୍ରକାଳୀଙ୍କ କାଳୀ ପୂଜା ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଥିବା କମିଟି ସଭାପତି କହିଛନ୍ତି।

### ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବ ମହେନ୍ଦ୍ରଗିରି

# ୧୮ ବର୍ଷ ପରେ ଅନୁଷ୍ଠିତ ହେବ ଭବ୍ୟ କୁମ୍ଭ ମେଳା, ମନ୍ତ୍ରୀଙ୍କ ସମୀକ୍ଷା

ରାୟଗଡ଼,୧୩।୪(ସମିସ)



ଓଡ଼ିଶାର ଦ୍ୱିତୀୟ ସର୍ବୋଚ୍ଚ ପର୍ବତ ତଥା ପୌରାଣିକ ପୀଠ ମହେନ୍ଦ୍ରଗିରି ଏକ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବାକୁ ଯାଉଛି। ଦୀର୍ଘ ୧୮ ବର୍ଷ ପରେ ପଡୁଥିବା ଯୋଡା ଜ୍ୟେଷ୍ଠ (ଯୁଗ୍ମ ଜ୍ୟେଷ୍ଠ ମାସ) ଅବସରରେ ମହେନ୍ଦ୍ରଗିରିରେ ପ୍ରଥମ ଥର ପାଇଁ ଏକ ଭବ୍ୟ କୁମ୍ଭମେଳା ଓ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ରବିବାର ଦିନିକିଆ ମହେନ୍ଦ୍ରଗିରି ଗସ୍ତରେ ଆସି ମହେନ୍ଦ୍ର ଆଶ୍ରମରେ ଏକ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ଧାର୍ମିକ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ ଲୋଡ଼ିଥିଲେ । ସେଠାକାର ସ୍ଥାନୀୟ ଅଞ୍ଚଳବାସୀ ଓ ପ୍ରଶାସନଙ୍କ ସହିତ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜ୍ୟେଷ୍ଠ ମାସରେ ଦୁଇଟି ପୂର୍ଣ୍ଣିମା ପଡୁଥିବାରୁ ଏହାକୁ ଯୋଡା ଜ୍ୟେଷ୍ଠ' କୁହାଯାଏ। ଯାହା ଏକ ବିରଳ ସଂଯୋଗ। ଏହି ପବିତ୍ର ସମୟରେ ମହେନ୍ଦ୍ରଗିରିରେ କୁମ୍ଭସ୍ନାନ ଆୟୋଜନ ଶ୍ରଦ୍ଧାଳୁଙ୍କ ପାଇଁ ଏକ ନୂଆ ଅନୁଭୂତି ହେବ ଓ ପବିତ୍ର ସମୟ ଆସିଥିବାରୁ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଦେଇଛି। ମହେନ୍ଦ୍ରଗିରିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରଥମ ଥର ପାଇଁ କୁମ୍ଭ ମେଳା ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ବୈଠକରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ପାନୀୟ ଜଳ, ଆଲୋକୀକରଣ, ଶୌଚାଳୟ, ସୁରକ୍ଷା ଏବଂ ଗମନାଗମନର ସୁବିଧା ଉପରେ ସବିଶେଷ ଆଲୋଚନା ହୋଇଛି। ଏନେଇ ପାଞ୍ଚ ଜଣିଆ କୋର କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କାମଦେବ ବଡ଼ନାୟକ, ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସ୍ୱାମୀ ଭାସ୍କର ତୀର୍ଥ ଲକ୍ଷ୍ମୀବାବା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧା କୃଷ୍ଣ ଜାନି, ଗଞ୍ଜାମ ସହବିଭାଗ କାର୍ଯ୍ୟବାହ ଜୁରାଆ ଜାନି, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ଇକୋ ଡେଭେଲପମେଣ୍ଟ କମିଟିର ସଭାପତି ସନିଆ ଧାଙ୍ଗଡ଼ା ଭୂୟାଁ, ବରିଷ୍ଠ ବିଜେପି ନେତା ସିଦ୍ଧେଶ୍ୱର ମିଶ୍ର, ଜଗା ମହାପାତ୍ର, ଏ. ଶ୍ରୀନିବାସ ରାଓ, ମାନସ ରଞ୍ଜନ ପଟ୍ଟନାୟକ, କାହ୍ନୁଚରଣ ଭୂୟାଁ, ଭାଗବତ ପାଇକ, ଗୌରାଙ୍ଗ ଗୌଡଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବୀ, ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଯୁବକଙ୍କୁ କଚାଡ଼ି ଫିଙ୍ଗିଲା ହାତୀ



ବାଲିଗୁଡା,୧୩।୪(ସମିସ): ବାଲିଗୁଡା ବନଖଣ୍ଡ ଅଧିନସ୍ଥ ବେଲଘର ବନାଞ୍ଚଳର ଝିରିପାଣି ସେକ୍ସନରେ କିଛିଦିନ ବ୍ୟବଧାନରେ ପୁଣି ଦେଖିବାକୁ ମିଳିଛି ଗଜରାଜଙ୍କ ଆତଙ୍କ। ମେରଦୀକୂପା ଗ୍ରାମର ଜଣେ ଯୁବକ ତରୁଣ ପାତ୍ର (୩୭) ଶନିବାର ସମୟ ପ୍ରାୟ ସନ୍ଧ୍ୟା ୭ ଘଣ୍ଟାରେ ଏକ ବ୍ୟକ୍ତିଗତ କାର୍ଯ୍ୟରେ କାଉଁଗୁଡା ଗ୍ରାମକୁ ଆସିଥିଲେ। ମେରଦୀକୂପ ଠାରୁ କାଉଁଗୁଡା ନିଜ ଶଶୁର ଘରକୁ ଆସୁଥିବା ସମୟରେ ଝିରିପାଣି ପଞ୍ଚାୟତର କୀଡିଙ୍ଗା ଗ୍ରାମ ଏକ ପୋଲ ପାଖରେ ହଠାତ ହାତୀ ସହ ମୁହାଁମୁହିଁ ହୋଇଥିଲେ ତରୁଣ। ହାତୀ ତରୁଣଙ୍କ ପାଖକୁ ଆସି ଗର୍ଜନ କରି ତରୁଣ ଏବଂ ତାଙ୍କ ମଟର ସାଇକେଲକୁ କଚାଡି ଦେଇଥିଲା। ଗୁରୁତର ଆହତ ତରୁଣ ହାତୀର ଗର୍ଜନ ଶୁଣି ଜୀବନ ବିକଳରେ କୌଣସି ମତେ ଏକ ପୋଲ ତଳକୁ ଯାଇ କିଛି ସମୟ ଲୁଚି ରହିଲେ। କିଛି ସମୟ ପରେ ତରୁଣ ସ୍ତ୍ରୀକୁ ଫୋନ୍‌ରେ ଘଟଣା ସମ୍ପର୍କରେ କହିଥିଲେ। କାଉଁଗୁଡା ଗ୍ରାମବାସୀ ଏବଂ ତରୁଣଙ୍କ ସ୍ତ୍ରୀ ଆତଙ୍କିତ ହୋଇ ତାଙ୍କ ପାଖରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କୁ ଦେଖି ହାତୀପଲ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପରିବାର ଲୋକେ ପୋଲ ତଳୁ ଗୁରୁତର ଆହତ ତରୁଣଙ୍କୁ ଉଦ୍ଧାର କରି ତୁମୁଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବିଗତ ଦିନରେ ଝିରିପାଣି ଅଞ୍ଚଳରେ ଦୁଇ ହାତୀର ମୃତ୍ୟୁ ହୋଇଥିଲେ ମଧ୍ୟ ବନବିଭାଗର ବର୍ତ୍ତମାନ ସୁଦ୍ଧା ଖାମଖିଆଲ ନୀତି ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ସେହି ଜଙ୍ଗଲରେ କିଛି ହାତୀ ଅଛନ୍ତି। ହାତୀର ଗତିପଥ କେଉଁଆଡେ ଅଛି, ତାହାର ଖବର ବନବିଭାଗ ପାଖରେ ନାହିଁ। ଯଦି ଆଗାମୀ ଦିନରେ ହାତୀ ଗତିପଥ ଏବଂ ଯଦି ହାତୀ ଗାଁ ମୁହାଁ ହେଲେ ଡାକବାଜି ଯନ୍ତ୍ରରେ ଗ୍ରାମବାସୀଙ୍କୁ ସୂଚନା ଦିଆନଯାଏ ତେବେ ଗ୍ରାମବାସୀ କୌଣସି ଅଧିକାରୀଙ୍କ କଥା ଶୁଣିବେ ନାହିଁ। ହାତୀ ଘଉଡ଼ାଇବା ଏବଂ ହାତୀ କବଳ ରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ବନବିଭାଗର ଦାୟିତ୍ୱ ବୋଲି କହିଛନ୍ତି। ବନବିଭାଗ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ବିଫଳ ସେତେବେଳେ ବନ୍ୟପ୍ରାଣୀଙ୍କ କବଳରୁ ଜନସାଧାରଣଙ୍କୁ କିଭଳି ସୁରକ୍ଷା ଦେବ ବୋଲି ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଆଉ ବନବିଭାଗ ଉପରେ ଭରଷା ନକରି ନିଜ ସୁରକ୍ଷା ନିଜେ କରିବାକୁ ବାଧ ହେବୁ ପରବର୍ତ୍ତୀ ମୁହୂର୍ତ୍ତରେ ଯଦି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଏ ତାକୁ ସହଜରେ ଗ୍ରହଣ କରିବୁନି ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଓଡ଼ିଶା ପକ୍ଷ ପାଳନରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା



ପାରଳାଖେମୁଣ୍ଡି,୧୩।୪(ସମିସ): ଓଡ଼ିଶା ପକ୍ଷ ପାଳନ ତ୍ରୟୋଦଶ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପାରଳାଖେମୁଣ୍ଡି ଦ୍ୱାରା ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। । ଏଥିରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ସମ୍ମାନିତ ଅତିଥି ଭାବରେ ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ହୋଇଥିଲା। ସେହିପରି ସ୍ଥାନୀୟ ମହିଳାଙ୍କୁ ନେଇ ଝୋଟୀ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ଜିଲ୍ଲା ଖାଦ୍ୟ ନିରୀକ୍ଷକ ତପସ୍ୱିନୀ ବେହେରା ଓ ସ୍ଥାନୀୟ ମହାବିଦ୍ୟାଳୟର ଗୃହ ବିଜ୍ଞାନ ଅଧ୍ୟାପିକା ଯୋଗଦାନ କରିଥିଲେ। ଜିଲ୍ଲାର ୨୫ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିଜ ଘରେ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ଆଣି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ କୃତି ପ୍ରତିଯୋଗୀଙ୍କୁ ଆସନ୍ତାକାଲି ଓଡ଼ିଆ ନବ ବର୍ଷ ପାଳନ ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

## ଜଳୁଛି ଜଙ୍ଗଲ: ନିଶ୍ଚିନ୍ତରେ ଶୋଇଛି ତୁମୁଡ଼ିବନ୍ଧ ବନବିଭାଗ



ବାଲିଗୁଡା,୧୩।୪(ସମିସ): ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ। ଏହାକୁ ନେଇ ସଚେତନତା ବାର୍ତ୍ତା ସହ ନିଆଁ ନିବାରଣ କରିବା ପାଇଁ ପ୍ରସ୍ତୁତ ଥିବା ବାଲିଗୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ ସୂଚନା ଦେଉଥିବାବେଳେ ଏହାର ସମ୍ପୂର୍ଣ୍ଣ ବିରତି ଦେଖିବାକୁ ମିଳିଛି ତୁମୁଡ଼ିବନ୍ଧ ବନାଞ୍ଚଳରେ। ସୋମବାର ଦିନ ତୁମୁଡ଼ିବନ୍ଧ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ହୁତୁ ହୁତୁ ହୋଇ ଜଙ୍ଗଲ ଜଳୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଗଦରିଙ୍ଗୀଆ ଘାଟି ଠାରୁ ପ୍ରାୟ ୨ କିମି ପର୍ଯ୍ୟନ୍ତ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ କୁର୍ତ୍ତମଗଡ଼ର କିଛି ସ୍ଥାନରେ ମୁଖ୍ୟରାସ୍ତା ଠାରୁ ମାତ୍ର ପଚାଶ ମିଟର ବ୍ୟବଧାନରେ ନିଆଁ ଲାଗିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ତୁମୁଡ଼ିବନ୍ଧ ବନଖଣ୍ଡ କାର୍ଯ୍ୟାଳୟ ଠାରୁ ମାତ୍ର ଦୁଇ କିମି ଦୂରରେ ନିଆଁ ଲାଗିଥିବା ବେଳେ ଏହାକୁ ଆୟତ୍ତ କରିବାରେ ବନବିଭାଗ ବିଫଳ ହୋଇଛି। ବର୍ତ୍ତମାନ ଗରମର ପ୍ରଭାବ ବୃଦ୍ଧି ପାଇଥିବା ବେଳେ ଜଙ୍ଗଲର ନିଆଁର ଗରମରେ ଅତିଷ୍ଠ ହୋଇ ପଡିଥିବା କହୁଛନ୍ତି ଅଞ୍ଚଳବାସୀ। ଜଙ୍ଗଲ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବନବିଭାଗର ଏହି ଅବହେଳା ନିରାଶଜନକ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଟିକାବାଲି ବ୍ଲକର ବିଭିନ୍ନ ସ୍ଥାନରେ ମେରୁ ପର୍ବ



ଟିକାବାଲ,୧୩।୪(ସମିସ): ଟିକାବାଲି ଲୁଜୁରାମୁଣ୍ଡା, କୁଚିଲାଗଡ଼, ତୁଙ୍ଗି ସମେତ ସମଗ୍ର ଅଞ୍ଚଳରେ ପାରମ୍ପରିକ ଦଣ୍ଡଯାତ୍ରାର ଅନ୍ତିମ ପର୍ବ "ମେରୁ' ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୩ ଦିନ ଧରି କଠିନ ବ୍ରତ ଓ ନିଷ୍ଠାର ସହ ଚାଲିଥିବା ଏହି ଯାତ୍ରା ଶେଷରେ ଆଜି ମହାପ୍ରଭୁ ନିଜ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି। ମେରୁ ପର୍ବ ଅବସରରେ ଅଞ୍ଚଳର ପ୍ରତ୍ୟେକ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ଅଗ୍ନି ଦଣ୍ଡ ଭଳି କଠିନ ଶାରୀରିକ ଓ ମାନସିକ ପରୀକ୍ଷା ଦେଇ ଆସୁଥିବା ଦଣ୍ଡୁଆ ଆଜି ଏହି ପର୍ବ ସହ ଦଣ୍ଡରୁ ମୁକ୍ତି ପାଇଛନ୍ତି। ମନ୍ଦିର ଗୁଡ଼ିକରେ ହରିବୋଲ ଓ ହୁଳହୁଳି ଶବ୍ଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଭକ୍ତମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଆସନ୍ତାକାଲି ମନ୍ଦିର ଗୁଡ଼ିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ବିଧି ରହିଛି। ଗୁହାରିଆ ନିଜ ନିଜର ଅଭିଷ୍ଟ ସିଦ୍ଧି ପାଇଁ ଠାକୁର ଓ ଠାକୁରାଣୀଙ୍କ ନିକଟରେ ବଳି ମାଧ୍ୟମରେ ପୂଜା ଅର୍ପଣ କରିବେ। ଶ୍ରଦ୍ଧାଳୁ ନିଜ ନିଜର ମାନସିକ ଅନୁସାରେ ଦେବାଦେବୀଙ୍କୁ ବିଭିନ୍ନ ସାମଗ୍ରୀ ଉତ୍ସର୍ଗ କରି ଶାନ୍ତି ଓ ସମୃଦ୍ଧି କାମନା କରିବେ।

## ବଜ୍ରପାତରେ କୃଷି ଶ୍ରମିକଙ୍କ ମୃତ୍ୟୁ

**ଗୋଷାଣି,୧୩।୪(ସମିସ):** ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଲାବାଣ୍ୟଗଡ ଗ୍ରାମାଞ୍ଚଳରେ ବଜ୍ରପାତରେ ଜଣେ କୃଷି ଶ୍ରମିକଙ୍କ ମୃତ୍ୟୁ ହୋଇଛି। ରବିବାର ଅପରାହ୍ନରେ ଗ୍ରାମର ଅଭିମନ୍ୟୁ ପାରିଗା (୩୯) ଚାଷ କାମରେ ଜମିକୁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ଫେରିନଥିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ରାତି ୧୦ଟା ବେଳେ ଜମି ପାର୍ଶ୍ୱରେ ମୃତଦେହ ମିଳିଥିଲା। ଘଟଣା ସମ୍ପର୍କରେ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକା ଖବର ପାଇ ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ପଡିଥିବା ଜମି ନିକଟରେ ଥିବା ସଜନାଛୁଇଁ ଗଛ ବଜ୍ରପାତ ମାଡରେ ଫାଟି ଯାଇଥିବା ବେଳେ ଅଭିମନ୍ୟୁଙ୍କ କାନପଟରୁ ରକ୍ତସ୍ରାବ ହେବା ସହ ଧରିଥିବା ମୋବାଇଲ ଫାଟି ଯାଇଛି। ରବିବାର ଅପରାହ୍ନରେ ଲାବାଣ୍ୟଗଡ ଗ୍ରାମାଞ୍ଚଳରେ ହଠାତ୍ କାଳବୈଶାଖୀ ପ୍ରଭାବରେ ସାମାନ୍ୟ ବର୍ଷା ହୋଇଥିବା ବେଳେ ପ୍ରବଳ ବିଜୁଳୀ ଘଡଘଡି ମାରିଥିଲା। ମଧ୍ୟରାତିରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଆଜି ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗାରାବନ୍ଧ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଏଏସ୍‌ଆଇ କେ.ରବି କୁମାର ସୂଚନା ଦେଇଛନ୍ତି। ମୃତ ଅଭିମନ୍ୟୁଙ୍କ ଦୁଇ ଜଣ ପତ୍ନୀ ଥିବା ବେଳେ ସେମାନଙ୍କ ତିନି ସନ୍ତାନ ଅଛନ୍ତି । ସେ ଚାଷଜମିରେ ଶ୍ରମିକ ବା ଦିନମଜୁରିଆ ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପରିବାରବର୍ଗଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜାତୀୟ ରଗବୀ ଚାମ୍ପିଅନ୍ ଖେଳାଳି ଚିନ୍ନା ଶବରଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୧୩।୪(ସମିସ)




ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍‌ରେ ୧୪ ବର୍ଷରୁ କମ୍ ବର୍ଗର ବାଳକ ବିଭାଗରେ ଓଡ଼ିଶା ଦଳ ଶ୍ରେଷ୍ଠ ପ୍ରତିଭା ଓ ସମନ୍ୱୟର ଅପୂର୍ବ ଦୃଷ୍ଟାନ୍ତ ପ୍ରଦାନ କରି ଚାମ୍ପିୟନ ମୁକୁଟ ପିନ୍ଧିଛି । ଏହି ଗୌରବମୟ ଜୟଯାତ୍ରାରେ ଗୁମ୍ମା ବ୍ଲକ ଜୀବା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଚିନା ଶବରଙ୍କ ସ୍ଥାନ ବିଶେଷ ଉଲ୍ଲେଖନୀୟ। ୧୨ ଜଣିଆ ଓଡ଼ିଶା ଦଳରେ ସେ ନିଜର ଦକ୍ଷତା ଓ ଖେଳ ନୈପୁଣ୍ୟରେ ଏକ ଦୃଢ଼ ସ୍ତମ୍ଭର ଭୂମିକା ଗ୍ରହଣ କରିଥିଲେ। ଅଧିନାୟକ ଗୋପି ମାଝିଙ୍କ ନେତୃତ୍ୱରେ ଦଳ ଯେପରି ଅଦମ୍ୟ ଆତ୍ମବିଶ୍ୱାସରେ ପଡ଼ିଆରେ ଲଗାତର ବିଜୟ ହାସଲ ଦର୍ଶକଙ୍କୁ ବିମୋହିତ କରିଥିଲା। ଗତ ସପ୍ତାହରେ ଆୟୋଜିତ ଲିଗ୍ ପର୍ଯ୍ୟାୟରେ ମଧ୍ୟପ୍ରଦେଶ, ଜମ୍ମୁ ଓ କାଶ୍ମୀର ଏବଂ ଦିଲ୍ଲୀ ପରି ଶକ୍ତିଶାଳୀ ଦଳକୁ ପରାସ୍ତ କରି ଓଡ଼ିଶା ଆଗକୁ ବଢ଼ିଥିଲା। କ୍ୱାର୍ଟର ଫାଇନାଲରେ ପଞ୍ଜାବ, ସେମିଫାଇନାଲରେ ମହାରାଷ୍ଟ୍ରକୁ ପରାସ୍ତ କରି ଦଳ ଫାଇନାଲକୁ ପ୍ରବେଶ କରିଥିଲା । ଶେଷ ମ୍ୟାଚରେ ବିହାର ଦଳକୁ ୫–୦ଗୋଲରେ ପରାସ୍ତ କରି ଓଡ଼ିଶା ଦଳ ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା, ଓଡ଼ିଶା ରଗବୀ ଆସୋସିଏସନ୍ ସଭାପତି ପ୍ରିୟଦର୍ଶୀ ମିଶ୍ର, ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଓ ସହ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଯୋଗ ଦେଇଥିଲେ । ସେମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିବା ସହିତ ଯୁବ ଖେଳାଳିଙ୍କ ଦଳୀୟ ମନୋଭାବ, ଶୃଙ୍ଖଳା ଓ ଅଦମ୍ୟ ଉତ୍ସାହକୁ ପ୍ରଶଂସା କରିଥିଲେ। ବିଜୟୀ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ପରେ ଜୀବା ଗ୍ରାମରେ ପଞ୍ଚାୟତ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଶୋଭାଯାତ୍ରା ଆୟୋଜନ ସହ ଏହି ସଫଳତା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଖେଳଶିକ୍ଷକ ଶିବରାମ ଭୂୟାଁ ଏବଂ ଖେଳାଳି ଚିନା ଶବରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଆଗାମୀ ଭବିଷ୍ୟତରେ ଏଭଳି ସଫଳତା ହାସଲ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ଏହି ଅବସରରେ ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## କାଶୀନଗରରେ ସଂଯୁକ୍ତ ଜନଅଭିଯୋଗ ଶୁଣାଣି



କାଶୀନଗର,୧୩।୪(ସମିସ): କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲ, ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ମହାନ୍ତି ଓ ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା ମଂଚାସୀନ ହୋଇ ଅଭିଯୋଗ ଶୁଣିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ତହସିଲଦାର ସୁଧୀର କୁମାର ନନ୍ଦ ଓ ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନଙ୍କ ଉପସ୍ଥିତ ହୋଇଥିଲେ। ଏଥିରେ ମୋଟ ୧୫ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୭ ସାମୂହିକ ଓ ୮ ବ୍ୟକ୍ତିଗତ ଅଭିଯୋଗ ଥିଲା। କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର ଫରେଷ୍ଟ ଜଙ୍କ୍ସନ ଓ ବସଷ୍ଟାଣ୍ଡ ନିକଟରେ ଦୁଇଟି ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ବହୁ ପୂର୍ବରୁ ସରିଥିଲେ ବି ସେଗୁଡିକ କାର୍ଯ୍ୟକ୍ଷମ ହୋଇନଥିବା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ମଧ୍ୟ ବିଜ୍ଞାପିତ ଅଞ୍ଚଳର ୧ ରୁ ୮ ନଂ ୱାର୍ଡର ଲୋକଙ୍କ ପାଇଁ ଶ୍ମଶାନ ଘାଟ ନିର୍ମାଣ ସକାଶେ ଅନୁଦାନ ମିଳି ସାରିଥିଲେ ବି ନିର୍ମାଣରେ ବିଳମ୍ବ ଘଟୁଥିବା ନେଇ ସୂଚନା ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀଙ୍କୁ ଉପସ୍ଥାପିତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବା ସକାଶେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କାଶୀନଗର ଦେଇ ଚଳାଚଳ କରୁଥିବା ଅଧିକାଂଶ ବସ୍ ସହର ଭିତରକୁ ଆସୁନଥିବା ଓ ଯାତ୍ରୀଙ୍କୁ ଟିକେଟ ନଦେଇ ଧାର୍ଯ୍ୟ ଭଡା ଠାରୁ ଅଧିକ ଭଡା ନେଉଥିବା ଅଭିଯୋଗର ଶୁଣାଣି ବେଳେ ଘରୋଇ ବସ୍ ସମ୍ପର୍କୀୟ କୌଣସି ନିଷ୍ପତ୍ତି ନେବା ଜିଲ୍ଲା ପ୍ରଶାସନର କାର୍ଯ୍ୟ ପରିସର ଭୁକ୍ତ ନୁହେଁ ବୋଲି ଜିଲ୍ଲାପାଳ କହିଥିଲେ । ପରେ ସେହିପରି ବହୁ ଅଞ୍ଚଳରେ ପାଣି ସମସ୍ୟାର ଅଭିଯୋଗ ଶୁଣାଣି ହୋଇଥିଲା। ଅକ୍ଷମତା ଓ ବୃଦ୍ଧାଙ୍କ ପେନସନ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ସ୍ଥାନୀୟ ଲୋକ ପ୍ରତିନିଧି, ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

